**ମହାବିଦ୍ୟାଳୟ ପକ୍ଷରୁ ଶୀତ ଶିବିର ଉଦ୍‌ଘାଟିତ**

ଗୋବିନ୍ଦପାଲି,(ଡି.ଏନ୍.ଏ.): ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ଗୋବିନ୍ଦପାଲି ସ୍ନାତକ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ବୁଧବାରଠାରୁ ୭ ଦିନିଆ ଶୀତକାଳୀନ ଶିବିର ଆରମ୍ଭ ହୋଇଛି। ମାଳିଗୁଡ଼ା ବିଦ୍ୟାଳୟରେ ରହି ସ୍ୱେଚ୍ଛାସେବୀମାନେ ଗ୍ରାମକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରିଛନ୍ତି । ୨୩ରେ ଏଠାରେ ଏକ ରକ୍ତଦାନ ଶିବିର ହେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ରଥ,ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଶ୍ରୀନିବାସ ମୁଦୁଲି,ସମ୍ମାନିତ ଅତିଥି ରୂପେ ଏ.ଗୋବିନ୍ଦ ରାଓ, ବିଇଓ ଶଶିଭୂଷଣ ମିଶ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହରିଶ ଚନ୍ଦ୍ର ପାଣିଗ୍ରାହୀ ପରିଚାଳନା କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ଅଭୟ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ୯୯ ବିଏନ୍ ବିଏସ୍‌ଏଫ୍ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର



ମାଲକାନଗିର,୨୧।୧୨(ଡି.ଏନ୍.ଏ.): ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ କିଆଙ୍ଗସ୍ଥିତ ୯୯ ବିଏନ୍ ବିଏସ୍‌ଏଫ୍ ପକ୍ଷରୁ ସେରପାଲ୍ଲି ପଞ୍ଚାୟତ କମ୍ୟୁନିଟି ଗୃହରେ ଏକ ସ୍ୱାସ୍ଥ୍ୟସେବା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସେରପାଥି, ଲାଲାଗୁଡା, ଜିଗ୍ରାପାଲ୍ଲି, ମେଣ୍ଡାପାଲ୍ଲି ଗ୍ରାମର ୧୩୨ ମହିଳା, ୧୪୮ ପୁରୁଷ ଓ ୨୫ ଜଣ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କମାଣ୍ଡାଣ୍ଟ ସଞ୍ଜୀବ କୁମାରଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡାକ୍ତର ଅଙ୍କୁଶ ରାବାଲ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରାମ ପାଲ୍, କିଆଙ୍ଗ ସରପଞ୍ଚ ଲକିନାଥ ପୂଜାରୀ ପରିଚାଳନା କରିଥିଲେ।

### ଷ୍ଟେଟ ବ୍ୟାଙ୍କ ପକ୍ଷରୁ ମାରାଥନ୍

ମାଲକାନଗିର,୨୧।୧୨(ଡି.ଏନ୍.ଏ.): ମାଲକାନଗିରିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ପକ୍ଷରୁ ଏକ ୟୋନୋ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ୟାଙ୍କ ମୁଖ୍ୟ ପରିଚାଳକ ସପନ୍ ସିକଦାର ଉଦ୍‌ଘାଟନ କରିଥିଲେ। ଏହି ମାରାଥନ ଷ୍ଟେଟ ବ୍ୟାଙ୍କଠାରୁ ଆରମ୍ଭ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ଶେଷ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ରୂପେ ପରିଚାଳକ ଶମ୍ଭୁ ପ୍ରସାଦ ବେହେରା, ନୃସିଂହ ଚରଣ ସାହୁ ଉପସ୍ଥିତ ଥିଲେ। ଗ୍ରାହକଙ୍କୁ ୟୋନୋ ବିଷୟରେ କିପରି ବୁଝାଇ ପଞ୍ଜୀକରଣ କରାଯିବ ସେନେଇ ଅତିଥିମାନେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ସ୍ୱେଚ୍ଛାସେବୀ, ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଜ୍ୟୋତି ରାଉଳ ଧନ୍ୟବାଦ ଦେଇଥିଲେ।

### ଭୋଟର ତାଲିକା ପ୍ରସ୍ତୁତି ତାଲିମ



ଜୟପୁର,୨୧।୧୨ (ନି.ପ୍ର.): ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଭୋଟର ତାଲିକା ପ୍ରସ୍ତୁତି ନେଇ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଛି। ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତି,ଠିକ୍ ବାଦ୍ କିପରି କରିବେ, ବୁଥସ୍ତରୀୟ ଅଧିକାରୀ ଏବଂ ସୁପରଭାଇଜରମାନେ କିପରି ତଦାରଖ କରିବେ, ପିଏସ୍‌ଇଗୁଡିକୁ ବିଏଲ୍‌ଓମାନେ କିଭଳି ସଂଶୋଧନ କରିବେ ଏନେଇ ଉପ ଜିଲାପାଳ ବେଦବର ପ୍ରଧାନ ବିସ୍ତୃତ ରୂପେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଜୟପୁର ଉପଖଣ୍ଡର ସମସ୍ତ ବିଏଲ୍‌ଓ, ସୁପର ଭାଇଜର ଏବଂ ବୁଥସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

### ତାଲିମ ଶିବିର ଉଦ୍‌ଯାପିତ

ଜୟପୁର,୨୧।୧୨(ନି.ପ୍ର.)-ଜୟପୁର ବ୍ଲକ ଅନ୍ତର୍ଗତ ବାଲିଆ ଗ୍ରାମଠାରେ ବୁଧବାର ଲିମ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ତହସିଲଦାର ପ୍ରଧାନ ଟୁଲ୍ଲିଆମ୍ମା, ଡିପିଓ, ସରପଞ୍ଚଙ୍କ ସହ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ। ସ୍ୱେଚ୍ଛାସେବୀମାନଙ୍କୁ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଓ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା।

# ରାସ୍ତା ନ ଥିବା ଗାଁ ଡୁମୁରିଗୁଡ଼ା

ଦଶମନ୍ତପୁର,୨୧।୧୨(ଡି.ଏନ୍.ଏ.)

- ପଞ୍ଚାୟତ କାର୍ଯ୍ୟାଳୟରୁ ୦୩, ବ୍ଲକରୁ ୧୫ କି.ମି. ଦୂର
- ଗ୍ରାମର ଚାରିପଟେ ଘେରି ରହିଛି ପାହାଡ଼
- ହାଟକୁ ଯିବାକୁ ହେଲେ ନଦୀ ପାରହେବାକୁ ପଡ଼େ

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତରେ ଥିବା ଡୁମୁରିଗୁଡ଼ା ଗ୍ରାମକୁ ଯିବା ପାଇଁ ରାସ୍ତା ନାହିଁ। ଏହି ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ୪୫ ପରିବାର ବସବାସ କରନ୍ତି। ଏମାନଙ୍କ ମୁଖ୍ୟ ଜୀବିକା ହେଲା ପୋଡୁଚାଷ । ଗ୍ରାମରେ କୌଣସି କାମଧନ୍ଦା ନ ମିଳିବାରୁ ବାଧ୍ୟ ହୋଇ କେତେଜଣ ବ୍ୟକ୍ତି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ଗ୍ରାମରେ ସରକାରଙ୍କ ପ୍ରତ୍ୟେକ ଯୋଜନା ଅପହଞ୍ଚ ହୋଇ ରହିଛି। ରାସ୍ତା ନିର୍ମାଣରେ ପାହାଡ଼ ବାଧକ ସାଜିଛି। ଗ୍ରାମକୁ ଯେଉଁଆଡୁ ଗଲେ ପଡୁଛି ପାହାଡ଼ ଓ ନଦୀ। ଗ୍ରାମର ପୂର୍ବରେ ବିଜାଦାମକା ପର୍ବତ, ପଶ୍ଚିମରେ ଅଣ୍ଡ୍ରିଗହଣି ପାହାଡ଼, ଉତ୍ତରରେ କରଡ଼ି ପାହାଡ଼ ଏବଂ ଦକ୍ଷିଣରେ ରହିଛି ଟିପରି ବାଲିଦାମକା ପାହାଡ଼। ଏହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରୁ ୩ କି.ମି. ଦୂର ହୋଇଥିବା ବେଳେ ବ୍ଲକ କାର୍ଯ୍ୟାଳୟଠାରୁ ୧୫ କି.ମି. ଦୂର। ପୋଡ଼ାଗଡ଼ ପଞ୍ଚାୟତ ସାପ୍ତାହିକ ହାଟକୁ ଯିବାକୁ ହେଲେ ଗ୍ରାମବାସୀଙ୍କୁ ବିଲାନସିଲ ଛକ ଦେଇ ଯିବାକୁ ପଡ଼େ। କଟିଆ ମଶାଣି ନଦୀ ପାରହେବାକୁ ମଧ ପଡିଥାଏ। ବୋଲି ଗ୍ରାମର ସୁବାଇ ସାଉଁନ୍ତା, ଧନାଇ ସାଉଁନ୍ତା, ନରସିଂହ ସାଉଁନ୍ତା, ମାଳତି ସାଉଁନ୍ତା, କୁଶ ସାଉଁନ୍ତା, ନାରଙ୍ଗ ସାଉଁନ୍ତା, ୱାଲସୀ ସାଉଁନ୍ତା, ସନା ସାଉଁନ୍ତା, ମନ ସାଉଁନ୍ତା, କମଳା ସାଉଁନ୍ତା, ନିର ସାଉଁନ୍ତା, ଅଭି ସାଉଁନ୍ତା, ଦାନ ସାଉଁନ୍ତା, ଗୁରୁନାଥ ସାଉଁନ୍ତା କହିଛନ୍ତି। ଗ୍ରାମରେ କେହି ରୋଗରେ ପଡିଲେ କିମ୍ବା ଗର୍ଭବତୀଙ୍କୁ ଚିକିତ୍ସାଳୟକୁ ନେବାକୁ ଭାର ଓ କାଉଡି ଭରସା। ଏଥିରେ ବୋହି ଗ୍ରାମବସୀ ରୋଗୀଙ୍କୁ ନେଇଥାନ୍ତି। ଗ୍ରାମ ୨ପାର୍ଶ୍ୱକୁ ସଂଯୋଗ କରୁଥିବା ଗୋଟିଏ ନଦୀ ଏବଂ ୨ଟି ଝୋଲାରେ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ମତ ପ୍ରକାଶ ପାଉଛି।



ଡୁମୁରିଗୁଡ଼ା ଗ୍ରାମକୁ ଏହି ରାସ୍ତାରେ ଯାଉଛନ୍ତି ଗ୍ରାମବାସୀ।

# ବାଡ଼ଜିଉନା ଗ୍ରାମରେ ଡାକମେଳା

ଜୟପୁର, ୨୧।୧୨(ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକର ବାଦାଜିନା ପଞ୍ଚାୟତ ଅନ୍ତର୍ଗତ ବାଡଜିଉନା ଗ୍ରାମରେ କୋରାପୁଟ ଡାକ ବିଭାଗ ପକ୍ଷରୁ ଡାକମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଶିବିରରେ ଆଇପିଏସ୍ ମନୋଜ ପ୍ରଗଡା, କେରାପୁଟ ଡିଭିଜନ ଏସଏସପିଓ, ଜୟପୁର ବ୍ଲକ ଅଧ୍ୟକ୍ଷ ତିଲୋତମା ମୁଦୁଲି, ଏବିଡିଓ ମନୋଜ ନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସିଡିପିଓ, କ୍ଷୁଦ୍ର ସଞ୍ଚୟ ଅଧିକାରୀ, ଧାନପୁର ଏବଂ ଧନପୁର ସରପଞ୍ଚ ବାଦଜିନା, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ମ୍ୟାନେଜର ପି.ଦୀନେଶ, ପୋଷ୍ଟାଲ ଇନ୍ସପେକ୍ଟର ୩ ପଞ୍ଚାୟତର ଗ୍ରାମବାସୀ ଏବଂ ଜୟପୁର ବ୍ଲକର ଡାକ କର୍ମଚାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ଉତ୍ପାଦ ବିକ୍ରୟ ପାଇଁ ଡାକ ବିଭାଗର ଷ୍ଟଲ ମଧ ଖୋଲାଯାଇଥିଲା। ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ସହିତ ଡାକ ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ବିଭିନ୍ନ ଉତ୍ପାଦ ଏବଂ ନାଗରିକ କେନ୍ଦ୍ରିକ ସେବା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଶିବିରର ମୂଳ ଉଦ୍ଦେଶ୍ୟ। ଆଧାର ଏବଂ ମୋବାଇଲ ଲିଙ୍କିଙ୍ଗ, ୫ ବର୍ଷରୁ କମ ପିଲାମାନଙ୍କ ପାଇଁ ଆଧାର, ସର୍ବନିମ୍ନ ୧୦୭ ଟଙ୍କା ମୂଲ୍ୟରେ ପାନ କାର୍ଡ ଆଦି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଯାଇଥିଲା। ଡିବିଟି ଦେୟ ଏବଂ ଅନ୍ୟାନ୍ୟ କଲ୍ୟାଣମୂଳକ ଦେୟ ପାଇଁ ପିଓଏସ୍‌ବି ଆକାଉଣ୍ଟ ଖୋଲିବା ନେଇ କାର୍ଯ୍ୟକର୍ତ୍ତା ମାନେ ଗୁରୁତ୍ୱାରୋପ କରିଥିଲେ।

# ଆତ୍ମସମର୍ପଣକାରୀ ମାଓବାଦୀଙ୍କ ଥଇଥାନକୁ ଗ୍ରାମବାସୀଙ୍କ ବିରୋଧ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ମାଲକାନଗିର,୨୧।୧୨(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଚଲାଣଗୁଡା ପଞ୍ଚାୟତ ଅନ୍ତର୍ଗତ ସିଆଡିମାଳ ଗ୍ରାମବାସୀ ଆତ୍ମସମର୍ପଣକାରୀ ମାଓବାଦୀଙ୍କ ଥଇଥାନକୁ ବିରୋଧ କରି ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ତାଙ୍କ ଗ୍ରାମ ନିକଟରେ ଥିବା ଏକ ଅନାବାଦୀ ଜମିରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଥଇଥାନ କରାଯିବା ନେଇ ସେମାନେ ଜାଣିବାକୁ ପାଇଛନ୍ତି। ଯଦି ଏଠାରେ ସେମାନଙ୍କୁ ଥଇଥାନ କରାଯାଏ ତେବେ ଆମେ ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେବୁ। ତେଣୁ ଆମମାନଙ୍କ ହିତକୁ ଦୃଷ୍ଟିରେ ରଖି ଏମାନଙ୍କୁ ସିଆଡିମାଳ ଗ୍ରାମ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଥଇଥାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ଚଲାଣଗୁଡା ସମିତିସଭ୍ୟ ଆନନ୍ଦ ମାଲାକାର, ସିଆଡିମାଳ ଗ୍ରାମର ରାଜୁ ମାଡି, ରକମୁ ମାଡକାମି, ନନ୍ଦ ମାଡକାମି, ଆଇତା ମାଡକାମି, କସା ମାଡି, ଦିଲିପ ମାଡକାମି, ରମେଶ ମାଡକାମି, ରାମୁ ପଡିଆମି, ମୁନା ମାଡକାମିଙ୍କ ସହ ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଖବର ପ୍ରକାଶ ପରେ ୬ ସ୍ଥାନରେ ଖୋଲିଲା ଧାନମଣ୍ଡି



ଅତିଥିମାନେ ମଣ୍ଡି ଉଦ୍‌ଘାଟନ କରୁଛନ୍ତି।

**ଧରିତ୍ରୀ ପ୍ରଭାବ**

କୁନ୍ଦୁରା,୨୧।୧୨ (ଡି.ଏନ.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଡଙ୍ଗର ପାଉଁଶି ସମେତ ୬ ସ୍ଥାନରେ ବୁଧବାର ଧରିତ୍ରୀରେ ଖବର ପ୍ରକାଶ ପରେ କିଛି ଘଣ୍ଟା ମଧରେ ଖରିଫ ଧାନ ମଣ୍ଡି ଖୋଲିଛି। ଜିଲାସ୍ତରୀୟ ପ୍ରୋକ୍ୟୁର ମେଣ୍ଟ ବୈଠକରେ ଡିସେମ୍ବର ୧୫ରେ ଖରିଫ ଧାନ ମଣ୍ଡି ହେବା ନେଇ ନିଷ୍ପତ୍ତି ହୋଇଥିଲେ ମଧ ପ୍ରଶାସନ ଚୁପ ରହିଥିଲା। ଏନେଇ ଖବର ପ୍ରକାଶ ପରେ ଜୟପୁର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଡଙ୍ଗରପାଉଁଶି ସମେତ ୬ ସ୍ଥାନରେ ଧାନମଣ୍ଡି ଆରମ୍ଭ ହୋଇଛି। କୁଇଣ୍ଟାଲ ପିଛା ୩/୪ କିଲୋ କଟନୀ ଛଟନିରେ ମିଲର୍ସମାନେ ଧାନ ଉଠାଇବାକୁ ରାଜି ହୋଇ ଧାନ ଉଠାଇଥିଲେ। କୁନ୍ଦୁରା ବ୍ଲକ ଯୋଗାଣ ନିରୀକ୍ଷକ ମୁରଲିଧର ହେସା ପ୍ରତି ଅସ୍ଥାୟୀ ମଣ୍ଡି ସ୍ଥଳକୁ ଯାଇ ଧାନ କେମିତି ମିଲର୍ସ ଏବଂ ଚାଷୀଙ୍କ ସହଯୋଗରେ ଉଠିବ ଅନୁଧ୍ୟାନ କରିଥିଲେ। କୁନ୍ଦୁରା ବ୍ଲକ ଅଧୀନରେ ଥିବା ରାଣୀଗୁଡା, ଲିମା, ଖଟଲାପଦରଠାରେ ଥିବା ଏକୋଇଶି ଭଉଣୀ ଏସଏଚଜି, ଡଙ୍ଗରପାଉଁଶରେ ମହାମାୟୀ ଏସ୍‌ଏଚ୍‌ଜି ଏବଂ କୁନ୍ଦୁରାସ୍ଥିତ ମା’ ଲକ୍ଷ୍ମୀ ଏସଏଚଜିରେ ୨୨ଶହ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଯୋଗାଣ ନିରୀକ୍ଷକ ସୂଚନା ଦେଇଛନ୍ତି। ରହିଯାଇଥିବା ଅନ୍ୟ ସ୍ଥାନରେ ମଧ ଖୁବ୍ ଶୀଘ୍ର ମଣ୍ଡି ଆରମ୍ଭ ହୋଇ ଧାନ କ୍ରୟ କରାଯିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

## କୁମୁଲିପୁଟ ଲ୍ୟାମ୍ପ ପରିସରରେ ମଣ୍ଡି ଉଦ୍‌ଘାଟିତ

ଜୟପୁର,୨୧।୧୨(ନି.ପ୍ର.)

କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ଲ୍ୟାମ୍ପ ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଛି । ମଣ୍ଡିକୁ ଜିଲା ପରିଷଦ ସଭ୍ୟ ତପତି ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ଲ୍ୟାମ୍ପ ସଭାପତି ତ୍ରିନାଥ ମୁଦୁଲି,ଏମ୍‌ଡି ମାନସୀ ପରିଛା ସମ୍ମାନିତ ଅତିଥି ରୂପେ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡିରେ ଧାନ କ୍ରୟ ହୋଇ ନ ଥିବା ବେଳେ କଟ୍‌ନି ଛଟ୍‌ନି ଉପରେ ବିବାଦ ଦେଖାଯାଇଥିଲା। ଫଳରେ ଚାଷୀ ଓ ମିଲର୍ସ ମୁହାଁମୁହିଁ ହୋଇଥିଲେ। ମିଲର୍ସମାନେ ମଣ୍ଡି ଛାଡି ଚାଲିଯାଇଥିଲେ। ବର୍ତ୍ତମାନ ମଣ୍ଡିରେ ଧାନ ଗଚ୍ଛିତ ହୋଇ ରହିଛି।



# ସାନବଡ଼େଙ୍ଗାକୁ ପୋଷ୍ୟ ଗ୍ରାମ ରୂପେ ଗ୍ରହଣ କଲା ୟୁଥ୍ ରେଡକ୍ରସ୍ ୟୁନିଟ୍

ସୁନାବେଡା/ସେମିଲିଗୁଡା,୨୧।୧୨ (ସ୍ୱ.ପ୍ର.)

ସେମିଲିଗୁଡ଼ା ମହାବିଦ୍ୟାଳୟର ୟୁଥ ରେଡ଼କ୍ରସ ୟୁନିଟ ପକ୍ଷରୁ ଜାନିଗୁଡା ନିକଟସ୍ଥ ସାନବଡେଙ୍ଗା ଗ୍ରାମକୁ ପୋଷ୍ୟଗ୍ରାମ ଭାବରେ ଗ୍ରହଣ କରାଯାଇଛି। ଗ୍ରାମର ଶିକ୍ଷା, ସ୍ୱାସ୍ଥ୍ୟ ସେବା ଓ ପରିବେଶ ଭଳି ବିଭିନ୍ନ ସମସ୍ୟା ଉପରେ ୟୁଥ ରେଡ୍‌କ୍ରସ୍ ୟୁନିଟ୍ ଜନସାଧାରଣଙ୍କୁ ସଚେତନ କରିବ । ଅଧକ୍ଷ ନୀଳାଞ୍ଚଳ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସେମିଲିଗୁଡ଼ା ପଞ୍ଚାୟତ ସମିତି ଅଧକ୍ଷା ଲିଲି ଅଣ୍ଟାବିରିଆ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଏହା ତାଙ୍କ ନିଜ ଗ୍ରାମ ହୋଇଥିବାରୁ ସେ କାର୍ଯ୍ୟକ୍ରମରେ ସମସ୍ତ ପ୍ରକାର ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ମୁଖ୍ୟବକ୍ତା ରୂପେ ସ୍ନିଗ୍ଧାରାଣୀ ମିଶ୍ର, ସମ୍ମାନିତ ଅତିଥି ଭାବେ ପ୍ରସାଶନିକ ଅଧିକାରୀ ଡ଼ ରମାରଞ୍ଜନ ପଟ୍ଟନାୟକ, ଦେବ୍ରାଜ ନାୟକ, ହରପ୍ରସାଦ ପତି, ଶିବାଶିଷ ପଟ୍ଟନାୟକ, ବାସନ୍ତୀଶ୍ରୀ, ସୁକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୟୁଥ ରେଡ଼କ୍ରସର ବହୁ ସ୍ୱେଚ୍ଛାସେବୀ ଯୋଗଦେଇ ଗ୍ରାମ ସଫେଇ କାର୍ଯ୍ୟ କରି ଲୋକଙ୍କୁ ସଫାସୁତରା ରହିବା ପାଇଁ ବୁଝାଇଥିଲେ। ୟୁଥ ରେଡ୍‌କ୍ରସ୍ କାଉନସିଲର ଡ଼ ବିଦ୍ୟୁତପ୍ରଭା ରାଉତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର,୨୧।୧୨(ନି.ପ୍ର.)

ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୀମାଞ୍ଚଳ ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉତ୍ସବରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ନଳିନୀ ରଞ୍ଜନ ମିଶ୍ର, ମୁଖ୍ୟବକ୍ତା ଶିକ୍ଷାବିତ୍ ସୁରେନ୍ଦ୍ର ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରି ଭଲ ପାଠ ପଢି ଶିକ୍ଷାନୁଷ୍ଠାନର ନାଁ ରଖିବକୁ ପର୍ମ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରଭାତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ଅତିଥି ପରିଚୟ ଦେଇଥିଲେ। ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାକ୍ତନ ସଂସ୍କୃତ ଶିକ୍ଷକ ସ୍ୱର୍ଗତ ଅନନ୍ତ ମିଶ୍ରଙ୍କ ସ୍ମୃତି ଉଦେଶ୍ୟରେ ତାଙ୍କ ନଳିନୀ ରଞ୍ଜନ ମିଶ୍ର ମାଟ୍ରିକ ବୋର୍ଡ ପରୀକ୍ଷାର ସଂସ୍କୃତରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ମନୋଜ କୁମାର ପାଙ୍ଗୀଙ୍କୁ ୧ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା, ଶିକ୍ଷା ଓ ସହଶିକ୍ଷା କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିବୃନ୍ଦ ପୁରସ୍କୃତ କରିଥିଲେ। କ୍ରୀଡ଼ା ଶିକ୍ଷକ ନରେଶ ଷଡଙ୍ଗୀ, ସୋମନାଥ ସାକିଆ, ହିତକର ଚରତି, ଏନ୍.ପଦ୍ମାବତୀ, ପ୍ରଭାତୀ ପାଣଗ୍ରାହୀ, କେ.ପ୍ରମିଳା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁବର୍ଣ୍ଣ କୁମାରୀ ଖିଲ, ବନିତା ଶତପଥୀ, ରଶ୍ମିତା ନାହାକ, ସନ୍ତୋଷିନୀ ପଣ୍ଡା, ଶୁଭସ୍ମିତା ସାହୁ, ବନିତା ପଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ବିଶ୍ୱରଞ୍ଜନ ଗୌଡ଼ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରଭାକର ମହାରଣା ବାଲୁକା କଳା ପ୍ରଦର୍ଶନ କରିଥିଲେ। ତନବୀର ମହମ୍ମଦ, ଭଗବାନ ସାବତ,ସୁଜିତ୍ ନାୟକ, ଦେବେନ୍ଦ୍ର ପାଢ଼ୀ, କଲ୍ୟାଣୀ ନାୟକ, ସୁଚରିତା ପଟ୍ଟନାୟକ, ଦୁର୍ଗାପ୍ରସାଦ ପାତ୍ର, ସାଗରିକା ପାତ୍ର, ସୁଧା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।



ଅତିଥିମାନେ ଜଣେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଏମ୍‌ପିଏଲ୍ ଫାଇନାଲରେ ଧଳ ବାରିୟର ଚାମ୍ପିୟନ

ମାଲକାନଗିର,୨୧।୧୨(ଡି.ଏନ୍.ଏ.)

ପ୍ରଥମ ଥର କରି ମାଲକାନଗିରି ଜିଲାରେ ଜଗଦିଶ ରାଓ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ହୋଇଥିବା ଏମ୍‌ପିଏଲ୍ (ମାଲକାନଗିରି ପ୍ରିମିୟର ଲିଗ୍)ର ଫାଇନାଲରେ କୋରାପୁଟ ଜିଲା ବୈପାରିଗୁଡର ଧଳ ବାରିୟର ଚାମ୍ପିୟନ ହୋଇଛି। ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ଜିଲାଏବଂ ଜିଲା ବାହାରର ୬ଟି ଦଳ ଅଂଶଗ୍ରହଣ କରିଥିଲେ। ବୁଧବାର ଫାଇନାଲ ମ୍ୟାଚ ଉତମ ମଲ୍ଲିକ ବାରିୟର ଓ ବୈପାରିଗୁଡାର ଧଳ ବାରିୟର ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ଉତମ ମଲ୍ଲିକ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୫୪ ରନ୍ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଟିଂ ବୈପାରିଗୁଡାର ଧଳ ବାରିୟର ୧୮.୨ ଓଭରରେ ଏହି ଲକ୍ଷ ପୂରଣ କରି ବିଜୟୀ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଶଙ୍କର ସିଂ ଓ ମ୍ୟାନ୍ ଅଫ ଦି ସିରିଜ ଭାବେ ଆଦିତ୍ୟ ରାଉଳଙ୍କୁ ମନୋନୀତ କରାଯଇଥିଲା। ସେହିପରି ଉତମ ବୋଲର ଭାବେ ସମୀର ଜେନା, ଉତମ ବ୍ୟାଟସ୍ ମ୍ୟାନ୍ ରୂପେ ଦିବ୍ୟଜ୍ୟୋତି ସ୍ୱାଇଁ, ଉଇକେଟ୍ କିପର ଭାବେ ଶ୍ରବଣ ଗୁଙ୍ଗାଙ୍କୁ ମନୋନୀତ କରାଯାଇଥିଲା। ତୁଷାର ପଣ୍ଡା ଓ ଆକାଶ ପ୍ରଧାନ ଅମ୍ପାୟରିଂ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ଏଲ୍‌ଆଇସିର ଏମ୍.ଡି. ଆର୍.ସି. ଉତମ କୁମାର ଜେନା, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁରର ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଅର୍ଜୁନ ତ୍ରିପାଠୀ ଓ କୋରାପୁଟ ଜିଲା ଆଥ୍‌ଲେଟିକ ସଂଘର ଅନୁପ ପାତ୍ର ଯୋଗ ଦେଇ ବିଜୟୀ ଦଳଙ୍କୁ ୧ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରି ପୁରସ୍କୃତ କରିଥିଲେ। ସେହିପରି ରନର୍ସଅପ୍ ଦଳକୁ ୭୦ ହଜାର ଟଙ୍କା ସହ ପୁରସ୍କୃତ କରାଯାଇଥିଲା। ଟୁର୍ନମେଣ୍ଟକୁ ବରିଷ୍ଠ କ୍ରିକେଟ ଖେଳାଳି ପପୁ ସିଂ, ହୃଦାନନ୍ଦ ସାହୁ, ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ।





ଅତିଥିଙ୍କ ଗହଣରେ ଖେଳାଳିମାନେ।

# ନକଲି ଶ୍ରମକାର୍ଡ ଦେଇ ଠକେଇ , ୨ ଠକ ଗିରଫ

ବୈପାରିଗୁଡ଼ା,୨୧।୧୨ (ଡି.ଏନ୍.ଏ.)

- ୧୩୩ ନକଲି ଶ୍ରମିକ ପରିଚୟପତ୍ର ଜବତ
- ଖବର ପାଇ ଅଭିଯୁକ୍ତଙ୍କୁ ଅଟକାଇଥିଲେ ଗ୍ରାମବାସୀ
- କିଛିଦିନ ତଳେ ଧରାପଡ଼ିଥିଲେ ଆଉ ଜଣେ ଠକ

ନକଲି ଶ୍ରମିକ ପରିଚୟ ପ୍ରମାଣପତ୍ର ଦେଇ ଲୋକଙ୍କୁ ଠକିବା ଅଭିଯୋଗରେ ବୈପାରିଗୁଡ଼ା ପୋଲିସ ବୁଧବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କର୍ଣ୍ଣ କୁମାର ପାତ୍ର (୨୪) ଓ ବିକାଶ ସାହୁ (୨୪)। ଉଭୟଙ୍କ ଘର କଳାହାଣ୍ଡି ଜିଲା ଧର୍ମଗଡ଼ ଥାନା ଅନ୍ତର୍ଗତ ସିନ୍ଧିକୁଲାରି ଗ୍ରାମରେ ବୋଲି ଜଣାପଡିଛି।

ଖବରରୁ ଜଣାପଡ଼ିଛି ବୈପାରିଗୁଡ଼ା ବ୍ଲକ ଚିପାକୁର ପଞ୍ଚାୟତର ଝୁଲଣି ଗ୍ରାମର ଜଣେ ଯୁବକଙ୍କଠାରୁ ବୈପାରିଗୁଡ଼ା ଧରିତ୍ରୀ ପ୍ରତିନିଧି କଳ୍ପତରୁ ମହାନ୍ତିଙ୍କ ନିକଟକୁ ଏକ ଫୋନ୍ କଲ୍ ଆସିଥିଲା। ୨ ଜଣ ଅଚିହ୍ନା ଯୁବକ ଗ୍ରାମକୁ ଆସି ଲୋକଙ୍କ ନିକଟରୁ ଆବଶ୍ୟକ କାଗଜପତ୍ର ସଂଗ୍ରହ କରି କୋଠାବାଡ଼ି ନିର୍ମାଣ ଶ୍ରମିକ ପରିଚୟ ପ୍ରଦାନ କରୁଥିବା ଫୋନ କରିଥିବା ଯୁବକ ଜଣକ କହିଥିଲେ। ଏଥିପାଇଁ ପ୍ରତ୍ୟେକଙ୍କଠାରୁ ୭୫୦ ଟଙ୍କା ଆଦାୟ କରାଯାଉଥିବା ସେ ସୂଚନା ଦେଇଥିଲେ। ଜଣେ ଶ୍ରମିକଙ୍କ ପରିଚୟପତ୍ର ମଧ ସେ ହ୍ୱାଟ୍ସଆପ୍‌ରେ ପଠାଇଥିଲେ। ଏହାକୁ ଦେଖି ସନ୍ଦେହ ହେବାରୁ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀଙ୍କ ସହ ମହାନ୍ତି ଯୋଗାଯୋଗ କରିଥିଲେ। ପାଣିଗ୍ରାହୀ ବିଭାଗ ପକ୍ଷରୁ ଏପରି କରାଯାଉ ନ ଥିବା କିମ୍ବା ଏଥିପାଇଁ କାହାକୁ ନିଯୁକ୍ତି କରାଯାଇ ନ ଥିବା କହିଥିଲେ। ଫଳରେ ତାହା ନକଲି ବୋଲି ସ୍ପଷ୍ଟ ହୋଇଥିଲା। ଏ ନେଇ ବୈପାରିଗୁଡ଼ା ଥାନା ଅଧିକାରୀ ଅଶ୍ୱିନ ପଟ୍ଟନାୟକଙ୍କୁ ଜଣାଇବାରୁ ସେ ରାମଗିରି ଫାଣ୍ଡି ପୋଲିସକୁ ଘଟଣାସ୍ଥଳକୁ ପଠାଇଥିଲେ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଆଗୁଆ ଖବର ପାଇ ଗ୍ରାମବାସୀ ଅଭିଯୁକ୍ତମାନଙ୍କୁ ଅଟକାଇଥିଲେ। ପୋଲିସ କର୍ଣ୍ଣ ଓ ବିକାଶଙ୍କୁ ଗିରଫ କରି ସେମାନଙ୍କଠାରୁ ୧୩୩ଟି ନକଲି ଶ୍ରମିକ ପରିଚୟ ପତ୍ର , ଗୋଟିଏ ନମ୍ବରବିହୀନ ବାଇକ୍ ଓ ନଗଦ ୩ ହଜାର ୫ ଶହ ଟଙ୍କା ଜବତ କରିଥିଲା। ଉଭୟେ କୁନ୍ଦୁରାରେ ଏକ ଘରଭଡ଼ା ନେଇ ପ୍ରଥମେ ପୂଜା ସାମଗ୍ରୀ ଦୋକାନ ଦେଇ ଚଳୁଥିଲେ। ପରେ ସେମାନେ ବିଭିନ୍ନ ସ୍ଥାନକୁ ଯାଇ ଗ୍ରାମବାସୀଙ୍କୁ ଏପରି ଠକୁଥିଲେ। ଜିଲା ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶରେ ସହକାରୀ ଶ୍ରମ ଅଧିକାରୀ ଚୈତନ୍ୟ ପ୍ରସାଦ ମାଝି, ପଦ୍ମଚରଣ ପଣ୍ଡା, ୱେଲଫେୟାର କୋର୍ଡିନେଟର ଚିନ୍ମୟ ରାଉତରାୟ ଥାନାକୁ ଆସି କାର୍ଡଗୁଡିକ ନକଲି ବୋଲି ଚିହ୍ନଟ କରି ଅଭିଯୁକ୍ତମାନଙ୍କୁ ପଚରାଉଚରା କରିଥିଲେ। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ କୋଠାବାଡି ନିର୍ମାଣରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧା ରହିଛି । ଏଥିପାଇଁ ଶ୍ରମିକମାନଙ୍କୁ ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିବା ପରେ ଶ୍ରମ ବିଭାଗ ପକ୍ଷରୁ ପରିଚୟ ପତ୍ର ମିଳିଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛି ମାସ ତଳେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ନକଲି ଡ୍ରାଇଭିଂ ଲାଇସେନ୍ସ ଦେଇ ଲୋକଙ୍କୁ ଠକୁଥିବା ଜଣେ ଅଭିଯୁକ୍ତଙ୍କୁ ଜୟପୁର ନିକଟସ୍ଥ ବାରିଣୀପୁଟରୁ ପୋଲିସ ଗିରଫ କରିଥିଲା।



ଗିରଫ ୨ ଅଭିଯୁକ୍ତ।

